ଭଗ୍ୱାଡ ଲିଜିଂ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍

*ବନାମ*

ଶ୍ରୀଯୁକ୍ତ ନୁସ୍ଲେ ନେଭିଲ୍ ୱାଡିଆ ଏବଂ ଅନ୍ୟମାନେ

30 ଅକ୍ଟୋବର, 1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଅଦାଲତ ଅବମାନନା:*

*ଉଚ୍ଚ ନ୍ୟାୟାଳୟର ଆଦେଶ - ଆଦେଶ ଉଲ୍ଲଙ୍ଘନ କରିଥିବା ଉତ୍ତରଦାତାମାନଙ୍କ ବିରୋଧରେ ଅଭିଯୋଗ - ନିର୍ଣ୍ଣୟ କରାଯାଇଥିଲା, କେତେକ ଉତ୍ତରଦାତାଙ୍କ ବିରୋଧରେ କୌଣସି ଅବମାନନା ମାମଲା ରୁଜୁ ହୋଇନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ଥିତାବସ୍ଥା ଆଦେଶ ଉଲ୍ଲଙ୍ଘନ ପାଇଁ ଅନ୍ୟ ଉତ୍ତରଦାତାମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ଏକ ଉପଯୁକ୍ତ ମାମଲା ନୁହେଁ ।*

ଉତ୍ତରଦାତାମାନଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆପତ୍ତି କରି ଅପିଲକାରୀ କମ୍ପାନୀ ବିଶେଷ ଅନୁମତି ଦ୍ୱାରା ଆବେଦନ ଦାଖଲ କରିଥିଲେ ।

ଅପିଲକୁ ଖାରଜ କରି, ଏହି ଅଦାଲତ

ନିର୍ଣ୍ଣୟ କରିଥିଲେ: 1. 30 ମେ, 1994 ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ସ୍ଥିତାବସ୍ଥା ଆଦେଶ ଉଲ୍ଲଙ୍ଘନ ପାଇଁ 5, 6 ଏବଂ 7 ସଂଖ୍ୟକ ଉତ୍ତରଦାତାମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏହା ଉପଯୁକ୍ତ ମାମଲା ନୁହେଁ । ଉତ୍ତରଦାତା ସଂଖ୍ୟା 1 ରୁ 4 ଙ୍କ ବିରୋଧରେ କୌଣସି ଅବମାନନା ମାମଲା ଉତ୍ଥାପିତ ହେଉନାହିଁ । ଯଦିଓ ଷଷ୍ଠ ଉତ୍ତରଦାତାଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଧିସୂଚନା ପ୍ରଦାନ କରାଯାଇଥିଲା, ସେ ଉପସ୍ଥିତ ନଥିଲେ । ତାଙ୍କ ଆଚରଣକୁ ଜଣେ ଦାୟିତ୍ୱବାନ ନାଗରିକ ନହେବା ବୋଲି ନିନ୍ଦା କରାଯାଇଛି । [525-C-D]

2. ଗ୍ରହୀତାଙ୍କ ବିବୃତି ଏହା ପ୍ରକାଶ କରିଥିଲା ଯେ 39,000 ବର୍ଗ ମିଟର ଜମିର ଦଖଲ ଉତ୍ତରଦାତା 5 ଏବଂ 6 ଙ୍କ ଦ୍ୱାରା ଇଷ୍ଟ ୱେଷ୍ଟ ଡେଭଲପମେଣ୍ଟ କମ୍ପାନୀକୁ ଦିଆଯାଇଥିଲା । ସେହି

**ତରଫରୁ ଯେହେତୁ ବିବାଦ ଉଚ୍ଚ ନ୍ୟାୟାଳୟରେ କେନ୍ଦ୍ରିତ ହୋଇନଥିଲା ଏବଂ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପରେ ଅଦାଲତ ଗ୍ରହୀତାଙ୍କ ଦ୍ୱାରା ଦାଖଲ ହୋଇଥିବା ବିବୃତି ମାଧ୍ୟମରେ ଏହି ମାମଲା ସାମ୍ନାକୁ ଆସିଛି, ଆବେଦନକାରଙ୍କ ପାଇଁ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉନ୍ମୁକ୍ତ ଅଛି । [525-G]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 10180/1995 ।

W.P. ସଂଖ୍ୟା 1486/94ରେ ପ୍ରସ୍ତାବ ଅଧିସୂଚନା ସଂଖ୍ୟା 559/94ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 14.10.94 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ପି. ପି. ରାଓ, ଏଫ୍. ଏସ୍. ନରିମାନ, ଅରୁଣ ଜେଟଲୀ, ରାମ ଜେଠମଲାନୀ, ଅଶୋକ ଦେଶାଇ, ଆର୍. ଏଫ୍. ନରିମାନ, ଏଚ୍. ଏନ୍. ସାଲଭେ, ନବୀନ ବିମଲ ଦଲାଲ, ପି. ଏନ୍. ଗୁପ୍ତା, ନବରୋଜ ସେରଭାଇ, ଆର୍. ଏନ୍. ଏବଂ ମାଣିକ କରଞ୍ଜୱାଲା, ସୁଶ୍ରୀ ନନ୍ଦିନୀ ଗୋରେ, ପି. କେ. ମଲ୍ଲିକ, ସୁଶ୍ରୀ ଅନୁରାଧା ବିନ୍ଦ୍ରା, ଆର୍. ଏନ୍. କେଶୱାନୀ, ପି. ଏଚ୍. ପାରେଖ, ପି. ଶ୍ରଫ୍, ଏସ୍. ଶର୍ମା, ରବିନ୍ଦର ନାରାୟଣ, ଅଶୋକ ସାଗର, ପୁନିତା ସିଂହ ଏବଂ ରାଜନ ନାରାୟଣ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଉଭୟ ପକ୍ଷର ସମସ୍ତ ଓକିଲଙ୍କୁ ବିସ୍ତୃତ ଭାବରେ ଶୁଣିବା ପରେ ଏବଂ ନଥିରେ ପ୍ରାସଙ୍ଗିକ ସାମଗ୍ରୀକୁ ଅନୁଧ୍ୟାନ କରିବା ପରେ, ଆମେ ଶେଷରେ ଏହି ସିଦ୍ଧାନ୍ତରେ ଉପନୀତ ହେଇଛୁ ଯେ 30 ମେ, 1994 ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ଥିତାବସ୍ଥା ଆଦେଶ ଉଲ୍ଲଙ୍ଘନ ପାଇଁ ଉତ୍ତରଦାତା ସଂଖ୍ୟା 5, 6 ଏବଂ 7କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏହା ଉପଯୁକ୍ତ ମାମଲା ନୁହେଁ । ଉତ୍ତରଦାତା ସଂଖ୍ୟା 1 ରୁ 4 ଙ୍କ ବିରୋଧରେ କୌଣସି ଅବମାନନା ମାମଲା ଉତ୍ଥାପିତ ହେଉନାହିଁ । ଯଦିଓ ଷଷ୍ଠ ଉତ୍ତରଦାତାଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଧିସୂଚନା ପ୍ରଦାନ କରାଯାଇଥିଲା, ସେ ଉପସ୍ଥିତ ନଥିଲେ । ଯଦି ଆମକୁ ପ୍ରାରମ୍ଭରେ ସୂଚନା ଦିଆଯାଇଥାନ୍ତା, ତେବେ ଆମେ ଅଣ-ଜାମିନଯୋଗ୍ୟ ପରୱାନା ଦ୍ୱାରା ତାଙ୍କ ଉପସ୍ଥିତି ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥାନ୍ତୁ । କିନ୍ତୁ ଯୁକ୍ତିତର୍କର ଶେଷରେ, ଆମକୁ ଏହି

ବିଷୟରେ ଅବଗତ କରାଯାଇଥିଲା । ସେ ଜଣେ ଦାୟିତ୍ୱବାନ ନାଗରିକ ପାଇଁ ଅଯୋଗ୍ୟ ଏବଂ ଅନୁଚିତ ଆଚରଣ କରିଥିବାରୁ, ଆମେ ତାଙ୍କର ଏହି ବ୍ୟବହାରକୁ ଦୃଢ ଭାବେ ନିନ୍ଦା କରୁଛୁ ।

ତେବେ, ଶୁଣାଣି ସମୟରେ ଯେଉଁ ତଥ୍ୟମାନ ସାମ୍ନାକୁ ଆସିଥିଲା, ସେଗୁଡ଼ିକ ସାରବତ୍ତା ଆଧାରରେ ଆଜ୍ଞାଦେଶ ଆବେଦନର ଫଏସଲା ଉଦ୍ଦେଶ୍ୟରେ ବିଚାର କରାଯିବାକୁ ଥିବା ପ୍ରାସଙ୍ଗିକ ତଥ୍ୟ ଅଟେ । ଯେହେତୁ ଆଜ୍ଞାଦେଶ ଆବେଦନ ବିଚାରାଧୀନ ରହିଛି, ଆମେ ତଥ୍ୟ ଏବଂ ପରିସ୍ଥିତି ଏବଂ ସାରବତ୍ତା ଆଧାରରେ କୌଣସି ମତ ପ୍ରକାଶ କରିବାକୁ ଅଗ୍ରାହ୍ୟ କରୁଛୁ । ତଦନୁସାରେ ଅବମାନନା ଆବେଦନକୁ ଖାରଜ କରାଯାଇଛି ।

ତେବେ, ଏହି ଆଦେଶ ପ୍ରାପ୍ତିର ଛଅ ମାସ ଯେତେ ସତ୍ୱର ସମ୍ଭବ ଆଜ୍ଞାଦେଶ ଆବେଦନର ଫଏସଲା କରିବାକୁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି ।

ଗ୍ରହୀତାଙ୍କ ବିବୃତି ଏହା ପ୍ରକାଶ କରିଥିଲା ଯେ 39,000 ବର୍ଗ ମିଟର ଜମିର ଦଖଲ ଉତ୍ତରଦାତା 5 ଏବଂ 6 ଙ୍କ ଦ୍ୱାରା ଇଷ୍ଟ ୱେଷ୍ଟ ଡେଭଲପମେଣ୍ଟ କମ୍ପାନୀକୁ ଦିଆଯାଇଥିଲା । ସେହି ତରଫରୁ ଯେହେତୁ ବିବାଦ ଉଚ୍ଚ ନ୍ୟାୟାଳୟରେ କେନ୍ଦ୍ରିତ ହୋଇନଥିଲା ଏବଂ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପରେ ଅଦାଲତ ଗ୍ରହୀତାଙ୍କ ଦ୍ୱାରା ଦାଖଲ ହୋଇଥିବା ବିବୃତି ମାଧ୍ୟମରେ ଏହି ମାମଲା ସାମ୍ନାକୁ ଆସିଛି, ଆବେଦନକାରଙ୍କ ପାଇଁ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉନ୍ମୁକ୍ତ ଅଛି । ତଦନୁସାରେ ଅପିଲକୁ ଖାରଜ କରାଗଲା ।

ଆର୍. ପି. ଅପିଲ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ